# NATIONAL NEWS BULLETIN (ODIA)

**22 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୨୦ ବିଲିୟନ୍ ଡଲାର ପୁଞ୍ଜି ନିବେଶ ସମ୍ବଳିତ ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ସହମତି ଭିତ୍ତିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ

- ପରମାଣୁ ଶକ୍ତିର ନିରନ୍ତର ଉପଯୋଗ ସଂପର୍କିତ ଶାନ୍ତି ବିଲ୍‌କୁ ସ୍ୱୀକୃତି ଦେଲେ ରାଷ୍ଟ୍ରପତି

- ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ଘଟଣାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ରିପୋର୍ଟ ତଲବ

- ୨୯ଟି ଦେଶରେ କାର୍ଯ୍ୟ କରୁଥିବା ୩୦ ଜଣ କୂଟନୀତିଜ୍ଞଙ୍କୁ ଫେରାଇ ନେବା ପାଇଁ ଆମେରିକା ପ୍ରଶାସନର ନିର୍ଦ୍ଦେଶ

ଏବଂ

- ଭାରତ ବିରୋଧୀ ମନୋଭାବ ପୋଷଣ ନେଇ ବାଂଲାଦେଶର ୟୁନୁସ୍ ସରକାରକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସମାଲୋଚନା

## ଇଣ୍ଡିଆ-ନ୍ୟୁଜିଲାଣ୍ଡ

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସହମତି ଭିତ୍ତିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ନ୍ୟୁଜିଲ୍ୟାଣ୍ଡ ପ୍ରତିପକ୍ଷ କ୍ରିଷ୍ଟୋଫର ଲକ୍ସନ ଆଜି ଏହି ବିଷୟ ଘୋଷଣା

କରିଛନ୍ତି । ଶ୍ରୀ ମୋଦୀ ଲକ୍ସନଙ୍କ ସହ ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ କରିଥିବା ଜଣାପଡ଼ିଛି ।

ଚଳିତବର୍ଷ ମାର୍ଚ୍ଚ ମାସରେ ଶ୍ରୀ ଲକ୍ସନ ଭାରତ ଗସ୍ତରେ ଆସିଥିବା ସମୟରେ ଏହି ଚୁକ୍ତି ବିଷୟରେ ଆଲୋଚନା ହୋଇଥିଲା । ମାତ୍ର ୯ ମାସ ସମୟ ମଧ୍ୟରେ ଉଭୟ ଦେଶ ଦ୍ୱିପାକ୍ଷିକ ସଂପର୍କକୁ ଦୃଢ଼ କରିବା ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଚୂଡ଼ାନ୍ତ ରୂପ ଦେବାରେ ସମର୍ଥ ହୋଇଛନ୍ତି । ଚୁକ୍ତିନାମା ଅନୁଯାୟୀ, ଦ୍ୱିପାକ୍ଷିକ ଅର୍ଥନୈତିକ ସହଭାଗିତା, ପୁଞ୍ଜିନିବେଶ ବୃଦ୍ଧି ସମେତ ଅନ୍ୟ କେତେକ ପ୍ରସଙ୍ଗରେ ଦୁଇଦେଶ ମଧ୍ୟରେ ରଣନୈତିକ ସହଭାଗିତା ନେଇ ପ୍ରତିବଦ୍ଧତା ପ୍ରକାଶ ପାଇଛି । ଏହି ଚୁକ୍ତିନାମା ଦ୍ୱାରା ଉଭୟ ଦେଶର ନବସୃଜନ, ଉଦ୍ୟୋଗ, କୃଷି, ଏମ୍ଏସ୍ଏମ୍ଇ, ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ । ଉଭୟ ଦେଶର ପ୍ରଧାନମନ୍ତ୍ରୀ ଆସନ୍ତା ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦୁଇଗୁଣ କରିବା ସହ ଆସନ୍ତା ୧୫ ବର୍ଷ ମଧ୍ୟରେ ନିଉଜିଲ୍ୟାଣ୍ଡ' ଭାରତରେ ୨୦ ବିଲିୟନ୍ ଡଲାର ପୁଞ୍ଜି ନିବେଶ କରିବ ।

ଉଭୟ ଦେଶ ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗ, ସରଳ ଭିସା ନିୟମ, ବୃତ୍ତିଗତ ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି, ବିଶେଷକରି ସୂଚନା ପ୍ରଯୁକ୍ତି ବିଦ୍ୟା, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ବାଣିଜ୍ୟ ସହଯୋଗକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଭାରତ-ନିଉଜିଲ୍ୟାଣ୍ଡ ସହଭାଗିତା ଏକ ନୂତନ ଶିଖର ଛୁଇଁବାକୁ ଯାଉଛି । ବିଭିନ୍ନ କ୍ଷେତ୍ରରେ ନିଉଜିଲ୍ୟାଣ୍ଡର ପୁଞ୍ଜିନିବେଶକୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ

କହିଛନ୍ତି, ଭାରତର ଯୁବାପିଢ଼ି, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ ସଂସ୍କାର ଆଧାରିତ ଅର୍ଥନୀତି ଆଗାମୀ ଦିନରେ ଆହୁରି ଦୃଢ଼ ହୋଇପାରିବ । କ୍ରୀଡ଼ା, ଶିକ୍ଷା ଏବଂ ସାଂସ୍କୃତିକ ସଂପର୍କ କ୍ଷେତ୍ରରେ ଉଭୟ ଦେଶ ଆହୁରି ନିକଟତର ହୋଇପାରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ପ୍ରେଜ୍-ଶାନ୍ତି ବିଲ୍

ପରିବର୍ତ୍ତିତ ଭାରତ ପାଇଁ ପରମାଣୁ ଶକ୍ତିର ନିରନ୍ତର ଉପଯୋଗ ତଥା ଉନ୍ନତ ପରମାଣୁ ଶକ୍ତି (ଶାନ୍ତି) ବିଲ୍  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱୀକୃତି ଲାଭ କରିଛି । ସଂସଦର ଶୀତକାଳୀନ ଅଧିବେଶନରେ ଏହି ବିଲ୍ ଉଭୟ ସଦନରେ ପାରିତ ହୋଇଥିଲା । ପରମାଣୁ ଶକ୍ତି କ୍ଷେତ୍ର ସହିତ ଘରୋଇ ଉଦ୍ୟୋଗକୁ ସାମିଲ କରିବା ନେଇ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ପରମାଣୁ ଶକ୍ତି ଆଇନ୍ ୧୯୬୨ ଏବଂ ପରମାଣୁ ବିପଦ କ୍ଷେତ୍ରରେ ନାଗରିକଙ୍କ ଦାୟିତ୍ୱ ଆଇନ୍ ୨୦୧୦ ବଦଳରେ ଶାନ୍ତି ଆଇନ୍ ଲାଗୁ ହେବ । ବେସାମରିକ ପରମାଣୁ କ୍ଷେତ୍ରର ଅଭିବୃଦ୍ଧିରେ ଏହା ସହାୟକ ହେବ । ଘରୋଇ କମ୍ପାନୀ ଏବଂ ମିଳିତ ଉଦ୍ୟୋଗଗୁଡ଼ିକ ସରକାରଙ୍କ ଅନୁମୋଦନ ଆଧାରରେ ପରମାଣୁ ଶକ୍ତି କେନ୍ଦ୍ର ନିର୍ମାଣ, ମାଲିକାନା, ପରିଚାଳନା ଆଦିରେ ସାମିଲ ହେବା ନେଇ ଏହି ବିଲ୍‌ରେ ବ୍ୟବସ୍ଥା ଅଛି ।

# ଜି.ରାମ.ଜି

ବିକଶିତ ଭାରତ ଜି.ରାମ.ଜି ବିଲ୍-୨୦୨୫ ଆଇନରେ ପରିଣତ ହେବା ପରେ ସରକାର ଗ୍ରାମାଞ୍ଚଳରେ ରୋଜଗାରକୁ ସୁନିଶ୍ଚିତ କରିଛନ୍ତି । ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଆଡ଼କୁ ଅଗ୍ରସର କରାଇବାରେ ଏହି ଆଇନ ସହାୟକ ହେବା ସହିତ ଏକ ସମୃଦ୍ଧ, ସ୍ଥିର ଏବଂ ଆତ୍ମନିର୍ଭଶୀଳ ଭାରତର ମୂଳଦୁଆକୁ ଅଧିକ ମଜବୁତ କରିବ । ଏଥିରେ ବେକାରୀ ଭତ୍ତା ପାଇଁ ଉନ୍ନତ ବ୍ୟବସ୍ଥା, ସଠିକ୍ ସମୟରେ ମଜୁରୀ ପୈଠ, ବିଳମ୍ବ କ୍ଷେତ୍ରରେ କ୍ଷତିପୂରଣ, ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମପଞ୍ଚାୟତ ଯୋଜନା ଗୁଡ଼ିକ ଭଳି ଅନେକ ସୁବିଧା ରହିଛି । କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ମନରେଗାର ପରବର୍ତ୍ତୀ ପଦକ୍ଷେପ ହେଉଛି ବିକଶିତ ଭାରତ ଜି. ରାମ ଜି. । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ କହିଛନ୍ତି, ଗ୍ରାମୀଣ ପରିବାରର ବୟସ୍କ ସଦସ୍ୟଙ୍କୁ ପୂର୍ବ ଯୋଜନା ଅନୁଯାୟୀ ୧୦୦ ଦିନର ମଜୁରୀ ନିଯୁକ୍ତି ମିଳୁଥିବାବେଳେ ଏହି ଆଇନଦ୍ୱାରା ଏହାକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ଏଥିରେ କାମ ଆବଣ୍ଟନ ନ ହେଲେ ବେକାରୀ ଭତ୍ତା ଏବଂ ମଜୁରୀ ବିଳମ୍ବ ହେଲେ ଅତିରିକ୍ତ ପରିମାଣର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି । ଚାଷ କାର୍ଯ୍ୟ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀଙ୍କ ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି ।

# ସିଭିଲ୍ ଆଭିଏସନ୍-ଏଆଇ

ଏୟାର ଇଣ୍ଡିଆର ଏକ ବିମାନ ଉଡ଼ାଣ ଆରମ୍ଭ କରିବା ପରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ଘଟଣାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ରିପୋର୍ଟ ତଲବ କରିଛି । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ  ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଲାଗି କୁହାଯାଇଛି । ସେହି ବିମାନରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବା ସହ ସେମାନେ ଯେଭଳି ଅନ୍ୟ ବିମାନରେ ଯାତ୍ରା କରିବେ,ସେ ନେଇ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିବା ଏ.ଆଇ. ୮୮୭ ବିମାନ ସୁରକ୍ଷିତ ଅବତରଣ କରିଛି  ଏବଂ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ।

# ଟ୍ରେନ୍ ଫ୍ଲାଇଟ୍ ଫଗ୍ ଆଫେକ୍ଟ

ଜାତୀୟ ରାଜଧାନୀ ନୂଆଦିଲ୍ଲୀ ତଥା ଏନ୍‌ସିଆର ଅଞ୍ଚଳରେ ଘନ କୁହୁଡ଼ି ଯୋଗୁଁ ବହୁ ବିମାନ ଏବଂ ଟ୍ରେନ୍ ସେବା ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ ବିମାନ ବନ୍ଦରର କର୍ତ୍ତୃପକ୍ଷ ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ କହିଛନ୍ତି, ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ସ୍ୱଳ୍ପ ଆଲୋକ

ଯୋଗୁଁ ୧୦ଟି ବିମାନ ଉଡ଼ାଣ ବାତିଲ ହୋଇଛି । ଭାରତୀୟ ରେଳ ବିଭାଗର  ଦିଲ୍ଲୀ ଡିଭିଜନ ପକ୍ଷରୁ କୁହାଯାଇଛି, ଦିଲ୍ଲୀରୁ ଯାତାୟାତ କରିବାକୁ ଥିବା ବହୁ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି । ୧୭ଟି ଟ୍ରେନ୍ ପ୍ରାୟ ୩ ଘଣ୍ଟା ବିଳମ୍ବରେ ଚାଲୁଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଅପରାହ୍ନ ପର୍ଯ୍ୟନ୍ତ ମଧ୍ୟମ ଧରଣର କୁହୁଡ଼ି ରହିବାର ସମ୍ଭାବନା ରହିଥିବା ବେଳେ ରାତିରେ ଘନ କୁହୁଡ଼ିର ବାତାବରଣ ଦେଖାଯିବ ।

## ରାଜସ୍ଥାନ-ପିଏମ୍ ଆଣ୍ଡ୍ ରିଜିଜୁ

୮୧୪ତମ ସୁଫି ପର୍ବ ଉର୍ସ ଅବସରରେ ରାଜସ୍ଥାନର ଆଜମେର୍ ସରିଫ୍ ଦରଘାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ଚାଦର ଚଢ଼ାଇଛନ୍ତି ।

ପରେ ଶ୍ରୀ ରିଜିଜୁ ମେହେଫିନ୍‌ଖାନା ଯାଇଥିଲେ, ଯେଉଁଠାରେ ତାଙ୍କୁ ଖାଦିମ୍‌ମାନେ ପାରମ୍ପରିକ ଦସ୍ତରବନ୍ଦୀ ଓ ତବାରୁକ୍‌ରେ ସମ୍ମାନିତ କରିଥିଲେ । ବୁଲନ୍ଦ ଦରୱାଜା ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ସମ୍ବୋଧନକୁ ପାଠ କରାଯାଇଥିଲା । ଏହି ଅବସରରେ ଦରଘାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଡିଆରଡିଓ-ଡିଫେନ୍ସ

ଦେଶର ପ୍ରତିରକ୍ଷା ଏବଂ ଆଭ୍ୟନ୍ତରୀଣ ସୁରକ୍ଷାରେ ଗବେଷଣା, ଶିକ୍ଷା, ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ବଳିତ ସହାୟତା ଲାଗି ପ୍ରତିରକ୍ଷା ଅନୁସନ୍ଧାନ ବିକାଶ ସଂସ୍ଥା ଏବଂ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ ଆଜି ନୂଆଦିଲ୍ଲୀରେ ବିଶିଷ୍ଟ ବୈଜ୍ଞାନିକ ତଥା ମହାନିର୍ଦ୍ଦେଶକ ଡକ୍ଟର ଚନ୍ଦ୍ରିକା କୌସିକ୍ ଏବଂ  ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ବିମଲ ଏନ୍. ପଟେଲଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

ଏହି ବୁଝାମଣାପତ୍ର ଅନୁଯାୟୀ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ପୂରଣ ଦିଗରେ ଏବଂ ଅମୃତକାଳକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ଦୃଷ୍ଟି ଦିଆଯିବ । ଉଭୟ ଅନୁଷ୍ଠାନ ମଧ୍ୟରେ ସମନ୍ୱିତ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ ଜାତୀୟ ସୁରକ୍ଷା କ୍ଷେତ୍ରରେ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି ।

# ୟୁଏସ୍-ରିକଲ୍ଡ୍ ଡିପ୍ଲୋମାସ

ଆମେରିକା ପ୍ରଶାସନ ୨୯ଟି ଦେଶରେ କାର୍ଯ୍ୟ କରୁଥିବା ପ୍ରାୟ ୩୦ ଜଣ କୂଟନୀତିଜ୍ଞଙ୍କୁ ଫେରାଇ ଆଣିବା ଲାଗି ନିଷ୍ପତ୍ତି ଗ୍ରହଣ କରିଛି । ଜୋ ବାଇଡେନ୍ ଶାସନ କାଳରେ ଆମେରିକାର ବିଭିନ୍ନ ମିଶନରେ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା ଓ ସେମାନଙ୍କ କାର୍ଯ୍ୟକାଳ ଆସନ୍ତା ଜାନୁଆରୀ

ମାସରେ ଶେଷ ହେବ । ଏହି କୂଟନୀତିଜ୍ଞମାନଙ୍କ ମଧ୍ୟରେ ଆଫ୍ରିକାରେ ସର୍ବାଧିକ ୧୩ ଜଣ ରହିଥିବା ବେଳେ ଏସୀୟ ଦେଶଗୁଡ଼ିକରୁ ୬ ଜଣ ରହିଛନ୍ତି ।

## ବାଂଲାଦେଶ-ହସିନା

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା’ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାରକୁ ସମାଲୋଚନା କରିଛନ୍ତି । ଭାରତ ବିରୋଧୀ ମନୋଭାବ ପୋଷଣ କରିବା, ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରିବା ଏବଂ ଅସାମାଜିକ ତତ୍ତ୍ୱକୁ ବୃଦ୍ଧି କରିବା ଭଳି ପ୍ରସଙ୍ଗ ନେଇ ସେ ୟୁନୁସ୍ ସରକାରକୁ ସମାଲୋଚନା କରିଛନ୍ତି । ଏକ ଇମେଲ୍ ସାକ୍ଷାତକାରରେ ଆସିନା କହିଛନ୍ତି, ବାଂଲାଦେଶରେ ଦେଖାଦେଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଯୋଜନାବଦ୍ଧ ଭାବେ ସୃଷ୍ଟି କରାଯାଇଛି । ୟୁନୁସ୍ ସରକାର ଅସାମାଜିକ  ତତ୍ତ୍ୱମାନଙ୍କୁ କ୍ଷମତା ଦେବା ସହ ଅଭିଯୁକ୍ତ ଆତଙ୍କବାଦୀମାନଙ୍କୁ ଜେଲ୍‌ରୁ ମୁକ୍ତ କରିଛନ୍ତି । ଭାରତ ତା’ର କୂଟନୈତିକ କର୍ମଚାରୀମାନଙ୍କ ସୁରକ୍ଷା ନେଇ ଚିନ୍ତିତ ଥିବା ସେ କହିଛନ୍ତି ।

ହାସିନା କହିଛନ୍ତି, ଦଶନ୍ଧି ଦଶନ୍ଧି ଧରି ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦୃଢ଼ ସଂପର୍କ ରହିଆସିଛି ଓ ଆବଶ୍ୟକ ସମୟରେ ଭାରତ’ ବାଂଲାଦେଶର ପ୍ରକୃତ ବନ୍ଧୁତ୍ୱର ପରିଚୟ ଦେଉଛି । ସିଲିଗୁଡ଼ି କରିଡର ସଂପର୍କିତ ଏକ ପ୍ରଶ୍ନର ଉତ୍ତରରେ ହାସିନା କହିଛନ୍ତି, ବାଂଲାଦେଶୀ ନେତାମାନେ ଏ ସଂପର୍କରେ ଦେଉଥିବା ମତାମତ ଅତ୍ୟନ୍ତ ବିପଜ୍ଜନକ

ଏବଂ ଦାୟିତ୍ୱହୀନ । ସେ କହିଛନ୍ତି, କୌଣସି ନେତା ପଡ଼ୋଶୀ ଦେଶକୁ ଏଭଳି ଧମକପୂର୍ଣ୍ଣ ମନ୍ତବ୍ୟ ଦେବନାହିଁ, ଯାହା ଉପରେ ଦେଶର ବାଣିଜ୍ୟ ଏବଂ ଆଞ୍ଚଳିକ ସ୍ଥିରତା ନିର୍ଭର କରିଥାଏ ।

ଆସନ୍ତାବର୍ଷ ଫେବୃୟାରୀ ମାସରେ ବାଂଲାଦେଶରେ ହେବାକୁ ଥିବା ନିର୍ବାଚନ ଉପରେ ହାସିନା କହିଛନ୍ତି, ତାଙ୍କ ଦଳର ଅନୁପସ୍ଥିତିରେ ଯେଉଁ ନିର୍ବାଚନ ହେବ, ତାହା କେବଳ ଏକପାଖିଆ ହିଁ ହେବ । ସେ କହିଛନ୍ତି, ତାଙ୍କ ଦଳ ଆବାମୀ ଲିଗ୍‌କୁ ନିର୍ବାଚନ ଲଢ଼ିବାରୁ ନିବୃତ କରାଯାଇଥିବା ବେଳେ ଏବେ ବାଂଲାଦେଶରେ ଶାସନ କରୁଥିବା ୟୁନୁସ୍ ସରକାର କୌଣସି ବାଂଲାଦେଶୀଙ୍କଠାରୁ ଗୋଟିଏ ବି ଭୋଟ୍ ପାଇନାହାନ୍ତି ।

## ଜାପାନ-ନିଉକ୍ଲିୟର ପ୍ଲାଣ୍ଟ

ଜାପାନ’ ପୃଥିବୀର ସର୍ବବୃହତ୍ ପରମାଣୁଶକ୍ତି ପ୍ରକଳ୍ପକୁ ପୁଣି ଚାଲୁ କରିବା ଲାଗି ପଦକ୍ଷେପ ନେବା ଆରମ୍ଭ କରିଛି । ଫୁକୁସୀମା ବିପର୍ଯ୍ୟୟର ୧୫ ବର୍ଷ ପରେ ଜାପାନ୍ ପୁଣି ଥରେ ପରମାଣୁ ଶକ୍ତି କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି । ୨୦୧୧ରେ ଭୂକମ୍ପ ଏବଂ ସୁନାମୀ ପରେ କାଶୀୱାଜାକି-କାରିୱା  ପାୱାରପ୍ଲାଣ୍ଟ ସମେତ ୫୪ଟି ପରମାଣୁ ଶକ୍ତି ପ୍ଲାଣ୍ଟ୍ ବନ୍ଦ କରି ଦିଆଯାଇଥିଲା । ପରେ ଜାପାନ୍ ୧୪ଟି ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିଥିଲା । ଗତମାସରେ ଏହି ପରମାଣୁ ପାୱାର ପ୍ଲାଣ୍ଟ ଚାଲୁ କରିବା ଲାଗି ସମସ୍ତ ପକ୍ଷ ଭୋଟ୍ ଦେଇଥିଲେ ।